# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

ପତ୍ରିକା ସଂଖ୍ୟା-୮୧ ଶୁକ୍ରବାର/ତା.୧୨.୧୦.୨୦୧୮

## ବିଶେଷ ପାଣିପାଗଭିତ୍ତିକ କୃଷି ଉପଦେଶ

**ଭୟଙ୍କର ବାତ୍ୟା 'ତିତଲି' ଓଡିଶାର ଦକ୍ଷିଣ ଉପକୂଳର ସ୍ଥଳଭାଗ ଗୁରୁବାର ସକାଳେ ଅତିକ୍ରମ କରି ଓ ଉତ୍ତରପୂର୍ବ ଦିଗକୁ ଗତି କରୁଥିବାରୁ, ଏହାର ପ୍ରଭାବରେ ଭଦ୍ରକ, ବାଲେଶ୍ୱର ଓ ଯାଜପୁର ସଂଲଗ୍ନ ଆଦି ଅଞ୍ଚଳରେ ଶନିବାର ସକାଳ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷାର ଜାରି ରହିବାର ସମ୍ଭାବନା ରହିଛି । ଏପରିସ୍ଥଳେ ନିମ୍ନ ପ୍ରଦତ୍ତ କୃଷି ଉପଦେଶ ଅନୁସରଣ କରନ୍ତୁ ।**

- ଧାନ ଫସଲରେ ବନ୍ଧ ଓ ନାଳି କାଟି ଜମିରୁ ଅଧିକ ଜଳ ନିଷ୍କାସନ କରନ୍ତୁ ।
- ପନିପରିବା ଫସଲରେ ଜଳ ନିଷ୍କାସନ କରିବାପାଇଁ ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ ।
- ରାସାୟନିକ ସାର ଓ କୀଟନାଶକ ଔଷଧ ସିଂଚନ ସାମୟିକ ବନ୍ଦ ରଖନ୍ତୁ ।
- ପନିପରିବା ତଳିଘେରାକୁ ଧଳା ପଲିଥିନରେ ଘୋଡାଇ ରଖନ୍ତୁ ଓ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
- ଅମଳ ଉପଯୋଗୀ ସମସ୍ତ ଫସଲକୁ ସୁରକ୍ଷିତ ରଖନ୍ତୁ ।
- ପ୍ରାକ ରବି ଫସଲ ବୁଣାବୁଣି ପାଇଁ ଅପେକ୍ଷା କରନ୍ତୁ ।
- ବର୍ଷା କମିଗଲାପରେ ଖାଲୁଆ ଧାନ ଜମିରେ ଲେଡାପୋକ ପୋକ ଲାଗିବାର ସମ୍ଭାବନା ଥିବାରୁ ଏହାକୁ ଦମନ କରିବା ପାଇଁ ଏକର ପ୍ରତି ୨୫୦ମି.ଲି. ଲମ୍ବଡା ସାଇହାଲୋଥ୍ରୀନ କିମ୍ବା ୪୦୦ମି.ଲି. କ୍ଲୋରୋସାଇପରମେଥ୍ରିନ ରାସାୟନିକ କୀଟନାଶକ ଔଷଧ ୨୦୦ ଲିଟର ଜଳରେ ମିଶାଇ ସିଂଚନ କରନ୍ତୁ।
- ବର୍ଷା ପରେ ସହଳ ରୁଆ ପନିପରିବା ଫସଲରେ ଝାଉଁଳା ରୋଗ ଲାଗିବାର ସମ୍ଭାବନା ଥିବାରୁ ବର୍ଷା କମିଗଲାପରେ ପ୍ରତି ୧୦ ଲିଟର ଜଳରେ ୧.୫ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ + ୨୫ ଗ୍ରାମ କପର ଅକ୍ସିକ୍ଲୋରାଇଡ଼ ମିଶାଇ ସିଂଚନ କରନ୍ତୁ।
- ବର୍ଷା ଓ ବାୟୁମଣ୍ଡଳର ଆଦ୍ରତା ଅଧିକ ରହିବାର ସମ୍ଭାବନା ଥିବାରୁ ପନିପରିବା ତଳିରେ ମୂଳପଚା ରୋଗ ଲାଗିବାର ସମ୍ଭାବନା ଅଛି। ଏହାକୁ ନିୟନ୍ତ୍ରଣ କରିବାପାଇଁ ବର୍ଷା କମିଗଲା ପରେ ପ୍ରତିଲିଟର ଜଳରେ ୨.୫ ଗ୍ରାମ କପର ଅକ୍ସିକ୍ଲୋରାଇଡ ମିଶାଇ ମାଟି ଓ ମୂଳରେ ସିଂଚନ କରନ୍ତୁ।
- ଗୃହପାଳିତ ପଶୁମାନଙ୍କୁ ଗୁହାଳ ଭିତରେ ଆବଦ୍ଧ ରଖନ୍ତୁ ଓ ଦୁଇଦିନ ପର୍ଯ୍ୟନ୍ତ ଖାଦ୍ୟ ଯୋଗାଡ କରି ରଖନ୍ତୁ ।

ଅଧିକ ସୂଚନାପାଇଁ ଗ୍ରାମୀଣ କୃଷି ମୌସମ ସେବା (ଓୟୁଏଟି), ରାଣୀତାଲ ସହିତ ଯୋଗାଯୋଗ କରନ୍ତୁ।
ଇ ମେଲ- aas_ranital@yahoo.com ମୋବାଇଲ-୯୪୩୭୯୨୬୮୯୦